ୟୁ. ପି. ଆଭାସ୍ ଇଭାମ୍ ବିକାଶ ପରିଷଦ ଏବଂ ଅନ୍ୟଜଣେ

ବନାମ

ରବି କୁମାର ଆନନ୍ଦ ଏବଂ ଅନ୍ୟମାନେ

ମେ 2,1995

[ଆର୍. ଏମ୍. ସାହାଇ ଏବଂ ସୁଜାତା ଭି. ମନୋହର, ନ୍ୟାୟମୂର୍ତ୍ତିଦ୍ୱୟ]

*ହାଉସିଂ:*

*ହାଉସିଂ ବୋର୍ଡ-ଘରର ଆବଣ୍ଟନ- ମୂଲ୍ୟ ବୃଦ୍ଧି- ଆଜ୍ଞାଦେଶକୁ ଆପତ୍ତି କରି- ଉଚ୍ଚ ନ୍ୟାୟାଳୟ ବୃଦ୍ଧିକୁ ସମର୍ଥନ କରିଛନ୍ତି କିନ୍ତୁ ସୁଧ ଏବଂ ଜୋରିମାନା ସମ୍ପର୍କରେ ବୋର୍ଡକୁ ଛାଡ଼ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି-ଆବଣ୍ଟନଗ୍ରାହୀଙ୍କ ଦ୍ୱାରା ବିଶେଷ ଅନୁମତି ଆବେଦନ-ଖାରଜ-ସମୀକ୍ଷା ଆବେଦନ-ପୂର୍ବରୁ ଉଚ୍ଚ ନ୍ୟାୟାଳୟ ଦ୍ୱାରା ପ୍ରଦାନ କରାଯାଇଥିବା ଅନୁଗ୍ରହ ଦାବି କରି କିଛି ଆବଣ୍ଟନଗ୍ରାହୀ ବ୍ୟକ୍ତିଙ୍କ ଦ୍ୱାରା ଆଜ୍ଞାଦେଶ- ବୋର୍ଡ ସେହି ଆବଣ୍ଟନଗ୍ରାହୀଙ୍କୁ ରିହାତି ପ୍ରଦାନ କରିବ, ଯେଉଁମାନେ ସେମାନଙ୍କ ମାମଲା ପ୍ରତ୍ୟାହାର କରିଥିବେ -ଖିଲାପୀ ଆବଣ୍ଟନଗ୍ରାହୀକୁ ନୋଟିସ ଜାରି କରିବା-ବୋର୍ଡର ନିଷ୍ପତ୍ତି ଅନ୍ତର୍ଭୁକ୍ତ ଚିଠି ପ୍ରତ୍ୟେକ ଆବଣ୍ଟନଗ୍ରାହୀଙ୍କୁ ଜଣାଯାଇ ନାହିଁ -କେବଳ ଖିଲାପକାରୀଙ୍କୁ ନୁହେଁ ବରଂ ସମସ୍ତ ଆବେଦନକାରୀଙ୍କୁ ରିହାତି ଲାଭ ପ୍ରଦାନ କରିବା ପାଇଁ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ- ଯଥାର୍ଥ ବୋଲି ନିର୍ଣ୍ଣୟ ହେଲା - କିନ୍ତୁ ଲାଭ ଏବଂ ବ୍ୟବସ୍ଥାଗତ ବ୍ୟୟ ସମ୍ପର୍କରେ 50% ରିହାତି ସମ୍ପର୍କରେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଯଥାର୍ଥ ନୁହେଁ କାରଣ ଏହା ପୂର୍ବ ଆବେଦନଗୁଡ଼ିକରେ ସମାଧାନ କରାଯାଇଥିଲା ।*

**ଉତ୍ତରଦାତାମାନେ, ଯେଉଁମାନଙ୍କୁ ଆବେଦନକାରୀ-ବୋର୍ଡ ଦ୍ୱାରା ସ୍ୱୟଂ ଆର୍ଥିକ ଯୋଜନା ଅଧୀନରେ ଜମି ବିଳମ୍ବରେ ପ୍ରଦାନ କରାଯାଇଥିବା, ସେମାନେ ଆବେଦନକାରୀଙ୍କ ଦ୍ୱାରା ଦାବି କରାଯାଇଥିବା ବର୍ଦ୍ଧିତ ମୂଲ୍ୟକୁ ଆପତ୍ତି କରି ଉଚ୍ଚ ନ୍ୟାୟାଳୟରେ ଆଜ୍ଞାଦେଶ ଆବେଦନ ଦାଖଲ କରିଥିଲେ । ଉଚ୍ଚ ନ୍ୟାୟାଳୟ ବୃଦ୍ଧିକୁ ସମର୍ଥନ କରିଥିଲେ କିନ୍ତୁ ଆବଣ୍ଟନଗ୍ରାହୀଙ୍କଠାରୁ 18% ସୁଧ ଦାବି ଅତ୍ୟଧିକ ବୋଲି କହି ବୋର୍ଡର କମିଶନରଙ୍କୁ ଆବଣ୍ଟନଗ୍ରାହୀମାନଙ୍କୁ ସୁଧ ଏବଂ ଜୋରିମାନାରେ ଛାଡ଼ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଉତ୍ତରଦାତାମାନେ ଏକ ବିଶେଷ ଅନୁମତି ଆବେଦନ ଦାଖଲ କରିଥିଲେ, ଯାହାକୁ ଖାରଜ କରାଯାଇଥିଲା । ତେଣୁ, ସେମାନେ ଆକ୍ଷେପିତ**

ରାୟର ସ୍ପଷ୍ଟୀକରଣ ପାଇଁ ଉଚ୍ଚ ନ୍ୟାୟାଳୟରେ ସମୀକ୍ଷା ଆବେଦନ ଦାଖଲ କରିଥିଲେ । ଏହି ସମୟ ମଧ୍ୟରେ, କିଛି ଆବଣ୍ଟନଗ୍ରାହୀ ବ୍ୟକ୍ତି ଉଚ୍ଚ ନ୍ୟାୟାଳୟଙ୍କ ପୂର୍ବ ନିର୍ଦ୍ଦେଶରେ ପ୍ରଦାନ କରାଯାଇଥିବା ସମାନ ଲାଭ  ଦାବି କରି ଆଜ୍ଞାଦେଶ ଆବେଦନ ଦାଖଲ କରିଥିଲେ । ଏହି ଆବେଦନଗୁଡ଼ିକର ବିଚାରାଧୀନତା ସମୟରେ, ବୋର୍ଡ ନ୍ୟାୟାଳୟରୁ ସେମାନଙ୍କର ମାମଲା ପ୍ରତ୍ୟାହାର କରିନେବା ପାଇଁ ଆବଣ୍ଟନଗ୍ରାହୀ ବ୍ୟକ୍ତିମାନଙ୍କୁ ସୁଧ ଏବଂ ରକ୍ଷଣାବେକ୍ଷଣ ଦେୟ ସମ୍ପର୍କରେ କିଛି ରିହାତି ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଥିଲା ଏବଂ ତଦନୁସାରେ ଦେୟ ପ୍ରଦାନ କରିବାରେ ଖିଲାପ ହୋଇଥିବା ଆବଣ୍ଟନଗ୍ରାହୀ ବ୍ୟକ୍ତିମାନଙ୍କଠାରୁ ଟଙ୍କା ଆଦାୟ ପାଇଁ ନୋଟିସ୍ ଜାରି କରିବାକୁ ଏହାର କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲା । ତଥାପି, ବୋର୍ଡର ନିଷ୍ପତ୍ତି ପ୍ରତ୍ୟେକ ଆବଣ୍ଟନଗ୍ରାହୀଙ୍କୁ ଲିଖିତ ଭାବରେ ଜଣାଇ ଦିଆ ଯାଇନଥିଲା । ଉଚ୍ଚ ନ୍ୟାୟାଳୟ ବୋର୍ଡର ନିଷ୍ପତ୍ତି ସମ୍ବଳିତ **20/21** ଜୁଲାଇ, **1990** ତାରିଖର ଚିଠି ଆଧାରରେ ନିର୍ଦ୍ଦେଶ ଦେଇଥିଲେ ଯେ ପ୍ରତ୍ୟେକ ଆବେଦନକାରୀଙ୍କୁ ଲାଭ  ପ୍ରଦାନ କରାଯିବା ଉଚିତ ।  ଉଚ୍ଚ ନ୍ୟାୟାଳୟ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ ଯେ ପ୍ରଶାସନିକ ଏବଂ ଲାଭ ଦେୟ ଦାବି **50%** ହ୍ରାସ କରାଯିବା ଉଚିତ । ହାଉସିଂ ବୋର୍ଡ ଉଚ୍ଚ ନ୍ୟାୟାଳୟର ନିଷ୍ପତ୍ତି ବିରୁଦ୍ଧରେ ଏହି ନ୍ୟାୟାଳୟରେ ଆବେଦନ କରିବାକୁ ଆଗତ କରିଥିଲେ ।

ଏହି ନ୍ୟାୟାଳୟ, ଆଂଶିକ ଭାବରେ ଆବେଦନକୁ ଅନୁମତି ଦେଇ

ନିର୍ଣ୍ଣୟ କରିଥିଲେ : **1.** ବୋର୍ଡ ଦ୍ୱାରା ଗୃହୀତ ପ୍ରସ୍ତାବ ଏବଂ ଏହାର କାର୍ଯ୍ୟକାରିତାର ପ୍ରଭାବ ସେହି ଆବଣ୍ଟନଗ୍ରାହୀଙ୍କୁ ରିହାତି ପ୍ରଦାନ କରିବା ଥିଲା ଯେଉଁମାନେ ଖିଲାପ କରିଥିଲେ, ଯାହା ନ୍ୟାୟସଙ୍ଗତ ନଥିଲା । ଯଦି ବୋର୍ଡ କମିଶନର ଉଚ୍ଚ ନ୍ୟାୟାଳୟଙ୍କ ରାୟ ଅନୁଯାୟୀ ସର୍ତ୍ତାବଳୀକୁ କୋହଳ କରନ୍ତି, ତେବେ ଯେଉଁମାନେ ଅଧିକ ଆଇନ ପାଳନକାରୀ ଥିଲେ ଏବଂ ବୋର୍ଡ ଦ୍ୱାରା ଦାବି କରାଯାଇଥିବା ସମ୍ପୂର୍ଣ୍ଣ ରାଶି ଜମା କରିଥିଲେ, ସେମାନଙ୍କୁ ଏହାର ଲାଭ ରୁ ବଞ୍ଚିତ କରାଯାଇପାରିବ ନାହିଁ । ଯେଉଁମାନେ ଖିଲାପକାରୀ ଥିଲେ ସେମାନଙ୍କଠାରୁ ସେମାନଙ୍କୁ ଆହୁରି ଖରାପ କରାଯାଇପାରିବ ନାହିଁ । ଫଳସ୍ୱରୂପ, ସମସ୍ତ ଆବଣ୍ଟନଗ୍ରାହୀ  ଯେଉଁମାନେ ସମୀକ୍ଷା ଆବେଦନ କିମ୍ବା ଆଜ୍ଞାଦେଶ ଆବେଦନ ଦାଖଲ କରିଥିଲେ ଏବଂ ଯେଉଁମାନଙ୍କୁ କୌଣସି ସୂଚନା ପଠାଯାଇ ନଥିଲା ସେମାନଙ୍କୁ ମଧ୍ୟ ସମାନ ରିହାତି ପ୍ରଦାନ କରାଯିବ । ସମସ୍ତ ଆବଣ୍ଟନଗ୍ରାହୀ ବ୍ୟକ୍ତିଙ୍କୁ ରିହାତି ପ୍ରଦାନ ସମ୍ପର୍କରେ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ବଜାୟ ରଖାଯାଇଛି **।[1116- D D- E]**

**2. ଉଚ୍ଚ ନ୍ୟାୟାଳୟ ଲାଭ ଏବଂ ବ୍ୟବସ୍ଥାଗତ ବ୍ୟୟ ସମ୍ପର୍କରେ 50% ରିହାତି ପ୍ରଦାନ କରିବାରେ ଯଥାର୍ଥ ନଥିଲେ, କାରଣ ଏହି ଦିଗଗୁଡିକ ଶେଷରେ ନିଷ୍ପତ୍ତି ନିଆଯାଇଥିଲା ଏବଂ ପୂର୍ବ ଆଜ୍ଞାଦେଶ ଆବେଦନରେ ସମାଧାନ କରାଯାଇଥିଲା, ଯାହା ବିରୁଦ୍ଧରେ ବିଶେଷ ଅନୁମତି ଆବେଦନ ଏହି ନ୍ୟାୟାଳୟ ଦ୍ୱାରା ଖାରଜ କରାଯାଇଥିଲା । ଯେତେବେଳେ ଏହି ନ୍ୟାୟାଳୟ ଅନୁମତି ଦେଇ ନଥିଲା, ସେତେବେଳେ ଉଚ୍ଚ ନ୍ୟାୟାଳୟ ସମୀକ୍ଷା ଆବେଦନ ମାଧ୍ୟମରେ ମାମଲାଟିକୁ ପୁନର୍ବାର ଖୋଲିପାରିନଥିଲେ ଏବଂ ଯଦି ଅନୁମତି ଦିଆଯାଏ, ତେବେ ଏହାର ପ୍ରଭାବ ପୂର୍ବ ନିଷ୍ପତ୍ତିର ଚୂଡ଼ାନ୍ତତାକୁ ବାଧା ଦେବ । ଉଚ୍ଚ ନ୍ୟାୟାଳୟଙ୍କ ଉକ୍ତ ଆଦେଶକୁ ଖାରଜ କରିଦିଆଯିବ । [1116- G- H, 1117- A- B]**

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 5713/1995 ଇତ୍ୟାଦି ।

ଦେୱାନୀ ବିବିଧ ଆବେଦନ ସଂଖ୍ୟା 1179/1987ରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟର 5.11.1993 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପକ୍ଷରୁ ଏସ୍. ବି. ସନୟାଲ ଏବଂ ପି. କେ. ଜୈନ ।

ଉତ୍ତରଦାତାଙ୍କ ପକ୍ଷରୁ ଅରୁଣ ଜେଟଲୀ, ରଞ୍ଜନ ମୁଖାର୍ଜୀ, ରାକେଶ ପ୍ରସାଦ ଏବଂ ବି. ବି. ସାହାରିଆ ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଗୃହ ନିର୍ମାଣ ଏବଂ ପ୍ରଦାନ ପାଇଁ ଗଠିତ ବୈଧାନିକ ସଂସ୍ଥା ଦ୍ୱାରା ଦାଖଲ କରାଯାଇଥିବା ଏହି ଆବେଦନଗୁଡ଼ିକରେ ବିଚାର ପାଇଁ ଉପୁଜୁଥିବା ସଂକ୍ଷିପ୍ତ ପ୍ରଶ୍ନ ହେଉଛି ଯେ, ଏହି ମାମଲାର ବିଶିଷ୍ଟ ତଥ୍ୟ ଏବଂ ପରିସ୍ଥିତିରେ, ଉଚ୍ଚ ନ୍ୟାୟାଳୟ ବିଭିନ୍ନ ଆବଣ୍ଟନଗ୍ରାହୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ସମୀକ୍ଷା ଆବେଦନ ଏବଂ ଆଜ୍ଞାଦେଶ ଆବେଦନଗୁଡ଼ିକୁ ଅନୁମତି ଦେବା ଏବଂ ଘର ପ୍ରଦାନରେ ବିଳମ୍ବ ହେତୁ ଲାଭ ଏବଂ ପ୍ରଶାସନିକ ଦେୟରେ 50% ରିହାତି ପ୍ରଦାନ କରିବାକୁ ଆବେଦନକାରୀଙ୍କୁ ନିର୍ଦ୍ଦେଶ ଦେବା ଯଥାର୍ଥ ଥିଲା କି, କାରଣ ଉଚ୍ଚ ନ୍ୟାୟାଳୟ ପୂର୍ବ ଆଜ୍ଞାଦେଶ ଆବେଦନରେ ସୁଧ ଏବଂ ଜୋରିମାନା ସମ୍ପର୍କରେ ଏପରି ଫାଏଦା ପ୍ରଦାନ କରିଥିଲେ ।

ବିବାଦର ସଠିକ୍ ଆକଳନ ପାଇଁ, ସଂକ୍ଷେପରେ କିଛି ତଥ୍ୟ ଉଲ୍ଲେଖ କରିବା ଆବଶ୍ୟକ । 1984 ମସିହାର ଅକ୍ଟୋବର/ନଭେମ୍ବର ମାସରେ ଘୋଷଣା କରାଯାଇଥିବା 'ସ୍ୱୟଂ ଆର୍ଥିକ ଯୋଜନା, 1985' ନାମରେ ଜଣାଶୁଣା ଏକ ଯୋଜନାରେ ଉତ୍ତରଦାତାମାନଙ୍କୁ 1986 ମସିହାରେ ବିଭିନ୍ନ ଆୟ ଗୋଷ୍ଠୀରେ ବିଭିନ୍ନ ପ୍ରକାରର ଘର ଆବଣ୍ଟିତ କରାଯାଇଥିଲା । କିନ୍ତୁ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ନହେବାରୁ ମାଲିକାନା ହସ୍ତାନ୍ତର କରାଯାଇପାରିଲା ନାହିଁ । ଯେତେବେଳେ ଦଖଲ ପ୍ରଦାନ କରାଗଲା, ସେତେବେଳେ ଆବେଦନକାରୀ ଅତିରିକ୍ତ ପରିମାଣ ଦାବି କଲେ କାରଣ ଏହି ସମୟରେ ମୂଲ୍ୟ ବୃଦ୍ଧି ପାଇଥିଲା । ଆବଣ୍ଟନଗ୍ରାହୀମାନେ ଦାବି କରାଯାଇଥିବା ପରିମାଣ ସ୍ୱେଚ୍ଛାକୃତ ଏବଂ ନିର୍ମାଣ ମଧ୍ୟ ଅସମ୍ପୂର୍ଣ୍ଣ ଥିବାରୁ ଏହାକୁ ଆପତ୍ତି କରିଥିଲେ । ଆଜ୍ଞାଦେଶ ଆବେଦନଗୁଡିକ 1990 ମସିହା, ଫେବୃଆରୀ ମାସରେ ନିଷ୍ପତ୍ତି ନିଆଯାଇଥିଲା । ବର୍ଦ୍ଧିତ ଦରକୁ ସମର୍ଥନ କରାଯାଇଥିଲା । କିନ୍ତୁ 18% ସୁଧର ଦାବିକୁ ଅତ୍ୟଧିକ ବୋଲି ନିର୍ଣ୍ଣୟ କରାଗଲା । ଉଚ୍ଚ ନ୍ୟାୟାଳୟ ଆହୁରି ମଧ୍ୟ କହିଛନ୍ତି ଯେ ଯୋଜନା ସମ୍ପର୍କରେ ଆବେଦନକାରୀଙ୍କ ଦ୍ୱାରା ଜାରି କରାଯାଇଥିବା ତଥ୍ୟ ପୁସ୍ତିକାର କମିଶନରଙ୍କୁ ବୈଧ କାରଣ ପାଇଁ କିମ୍ବା ସରକାରୀ ବ୍ୟବସ୍ଥାର ଶିଥିଳତା ଯୋଗୁଁ ବିଳମ୍ବ ପାଇଁ ବିଭିନ୍ନ ସର୍ତ୍ତରୁ ଛାଡ଼ ପ୍ରଦାନ କରିବାକୁ କ୍ଷମତା ଦେଇଥିଲା । ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି ଯେ ଆବେଦନକାରୀ ପ୍ରାରମ୍ଭିକ ଦାୟିତ୍ୱ ନିର୍ବାହ କରିନଥିବାରୁ ବିଳମ୍ବ ହୋଇଥିଲା, ତେଣୁ କମିଶନର ସୁଧ ଏବଂ ଜୋରିମାନାରେ ରିହାତି ଦେବା ବିଷୟରେ ବିଚାର କରିପାରିବେ । ଉତ୍ତରଦାତାମାନେ ସନ୍ତୁଷ୍ଟ ନଥିଲେ । ସେମାନେ ବିଶେଷ ଅନୁମତି ଆବେଦନ ମାଧ୍ୟମରେ ଏହି ନ୍ୟାୟାଳୟକୁ ଯାଇଥିଲେ । ଏହି ଆବେଦନଗୁଡ଼ିକ 22 ମାର୍ଚ୍ଚ, 1990ରେ ଖାରଜ କରାଯାଇଥିଲା । ଆଦେଶଟି ନିମ୍ନରେ ଦିଆଗଲା:-

> " ବିଶେଷ ଅନୁମତି ଆବେଦନର କୌଣସି ଯୋଗ୍ୟତା ନାହିଁ ଏବଂ ସେଗୁଡ଼ିକୁ ଖାରଜ କରିଦିଆଯାଏ । ତଥାପି, ଏହି SLP ଗୁଡ଼ିକର ଭବିଷ୍ୟ, ଆବେଦନକାରୀଙ୍କ ଦ୍ୱାରା ଉଚ୍ଚ ନ୍ୟାୟାଳୟକୁ ଆକ୍ଷେପିତ ରାୟରେ ଥିବା କିଛି ପର୍ଯ୍ୟବେକ୍ଷଣର ସ୍ପଷ୍ଟୀକରଣ ପାଇଁ ଆବେଦନକାରୀଙ୍କ ରାସ୍ତାରେ ବାଧା ସୃଷ୍ଟି କରିବ ନାହିଁ, ଯାହା ଆବେଦନକାରୀମାନେ ଦାବି କରନ୍ତି ଯେ ସେମାନଙ୍କ ସପକ୍ଷରେ ଅଛି ଏବଂ ଯାହା ସମ୍ପର୍କରେ ଆମେ କୌଣସି ମତ ପ୍ରକାଶ କରୁନାହୁଁ । "

ଆଦେଶର ଶେଷ ଅଂଶରେ ଥିବା ପର୍ଯ୍ୟବେକ୍ଷଣ ପରିଣାମସ୍ୱରୂପ, ଉତ୍ତରଦାତାମାନେ ସମୀକ୍ଷା ଆବେଦନ ମାଧ୍ୟମରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ । କିଛି ଆବଣ୍ଟନଗ୍ରାହୀ

ବ୍ୟକ୍ତି 1990 ମସିହା ଫେବୃଆରୀ 7 ତାରିଖରେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶରେ ଦେଇଥିବା ସମାନ ଲାଭ ଦାବି କରି ଆଜ୍ଞାଦେଶ ଆବେଦନ ମଧ୍ୟ ଦାଖଲ କରିଥିଲେ । ଏହି ଆବେଦନଗୁଡ଼ିକ ବିଚାରାଧୀନ ଥିବା ସମୟରେ, ଆଦେଶ ଦ୍ୱାରା ଜାରି ନିର୍ଦ୍ଦେଶର ପ୍ରଭାବ ଉପରେ ବିଚାର କରିବା ପାଇଁ ଆବେଦନକାରୀ ଏକ ବୈଠକ କରିଥିଲେ । ବୋର୍ଡ ନିଷ୍ପତ୍ତି ନେଇଥିଲେ:-

"ପ୍ରସ୍ତାବକୁ ଆଲୋଚନା ପରେ ପରିଷଦ ଦ୍ୱାରା ସର୍ବସମ୍ମତିକ୍ରମେ ଅନୁମୋଦନ କରାଯାଇଛି । ପରିଷଦ ଦ୍ୱାରା ଏହା ମଧ୍ୟ ନିଷ୍ପତ୍ତି ନିଆଯାଇଛି ଯେ ଏହି ଲାଭ ନ୍ୟାୟାଳୟରୁ ସେମାନଙ୍କର ମାମଲା ପ୍ରତ୍ୟାହାର କରୁଥିବା ଆବଣ୍ଟନଗ୍ରାହୀଙ୍କୁ ଦିଆଯିବ । "

ଏହାପରେ ଏହି ଚିଠିରେ ସେହି ରିହାତିଗୁଡ଼ିକ ପ୍ରଦାନ କରାଯାଇଥାଏ, ଯାହା ଆବଣ୍ଟନଗ୍ରାହୀମାନଙ୍କୁ ପ୍ରଦାନ କରିବା ଲାଗି ବୋର୍ଡ ନିଷ୍ପତ୍ତି ନେଇଥିଲା । ଏହା ନିମ୍ନଲିଖିତ ଥିଲା : -

"1. ଆବଣ୍ଟନ ଆଦେଶ ଜାରି ହେବା ପରେ 22.4.88 ତାରିଖର ଆଦେଶରେ ଉଲ୍ଲେଖ କରାଯାଇଥିବା ତିନି ମାସ ମଧ୍ୟରେ ଆବଣ୍ଟନଗ୍ରାହୀଙ୍କଠାରୁ କୌଣସି ସୁଧ ଆଦାୟ କରାଯିବ ନାହିଁ ।

2. ତିନି ମାସର ଅବଧି ସମାପ୍ତ ହେବା ପରେ 29 ଜୁଲାଇ, 1988 ତାରିଖର ଆଦେଶରେ ସୂଚିତ ଅନୁଯାୟୀ 14.5% ହାରରେ ସରଳ ସୁଧ ଆବଣ୍ଟନଗ୍ରାହୀ ବ୍ୟକ୍ତିଙ୍କଠାରୁ ଆଦାୟ କରାଯିବ । ଏହି ଅବଧିରୁ ତିନି ମାସର ଅବଧି ଗଣନା କରାଯିବ, କିନ୍ତୁ ଏକ ବର୍ଷ ବିତିବା ପରେ 18% ସୁଧ ଜୋରିମାନା ସୁଧ ଏପରି ଆବଣ୍ଟନଗ୍ରାହୀ ବ୍ୟକ୍ତିଙ୍କଠାରୁ ଆଦାୟ କରାଯିବ ।

3: ରକ୍ଷଣାବେକ୍ଷଣ ଦେୟ 50% ପର୍ଯ୍ୟନ୍ତ ହ୍ରାସ କରାଯିବ ।

ଶେଷରେ ଏହା ଯୋଡ଼ା ଯାଇଥିଲା:-

"ପରିଷଦର ଉପରୋକ୍ତ ନିଷ୍ପତ୍ତି ଅନୁଯାୟୀ, ଭୂସମ୍ପତ୍ତି ପରିଚାଳନା ଅଧିକାରୀ ଇନ୍ଦିରା ନଗର/ବିକାଶ ନଗର, ଲକ୍ଷ୍ନୌ ଏବଂ କାନପୁର ଏବଂ ରାୟବରେଲିଙ୍କୁ ସୂଚିତ କରାଯାଉଛି ଯେ ପ୍ରଭାବିତ ବ୍ୟକ୍ତିମାନଙ୍କର ମୂଲ୍ୟାଙ୍କନ କରାଯିବ ଏବଂ ନୋଟିସ୍ ସଂଲଗ୍ନ ଅନୁରୋଧ ପଠାଯିବ । ଦୟାକରି ଶୀଘ୍ର ପଦକ୍ଷେପ ନିଅନ୍ତୁ ଯାହା ଦ୍ୱାରା ଟଙ୍କା ଫେରିପାଇ ହେବ "।

ଏହି ଚିଠିଟି ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଉପସ୍ଥାପିତ ହୋଇଥିଲା । ଯଦିଓ ସମୀକ୍ଷା ଆବେଦନ କିମ୍ବା ଆଜ୍ଞାଦେଶ ଆବେଦନର ପରିସର ସୀମିତ ଥିଲା, ଆବଣ୍ଟନଗ୍ରାହୀମାନେ ପୁଣି ଥରେ ବୃଦ୍ଧିର ପ୍ରସଙ୍ଗ ଉଠାଇବାକୁ ଚେଷ୍ଟା କରିଥିଲେ । ଏହାକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା । କିନ୍ତୁ ଉଚ୍ଚ ନ୍ୟାୟାଳୟ ଏହି ଚିଠିଟି ଅନୁଧ୍ୟାନ କରିବା ପରେ ମତ ଦେଇଥିଲେ ଯେ ଏହି ଲାଭ ଗୁଡ଼ିକ ପ୍ରତ୍ୟେକ ଆବେଦନକାରୀଙ୍କୁ ପ୍ରଦାନ କରାଯାଇପାରିବ । ଏହା ମଧ୍ୟ କୁହାଯାଇଥିଲା ଯେ ଆବେଦନକାରୀଙ୍କଠାରୁ ଆଦାୟ କରିବାକୁ ଚାହୁଁଥିବା ପ୍ରଶାସନିକ ଏବଂ ଲାଭ ଦେୟ ବିଷୟରେ କୌଣସି ଚୁକ୍ତିଭିତ୍ତିକ ଦାୟିତ୍ୱ ନଥିବାରୁ ଦାବି 50% ହ୍ରାସ କରାଯିବା ଆବ୍ୟଶକ ।

ବିଚାର ପାଇଁ ଉଠୁଥିବା ପ୍ରଶ୍ନ ହେଉଛି, ଉଚ୍ଚ ନ୍ୟାୟାଳୟ 20/21 ଜୁଲାଇ ତାରିଖର ଚିଠିର ଲାଭ ଗୁଡିକ ସେହି ସମସ୍ତ ଆବଣ୍ଟନଗ୍ରାହୀଙ୍କୁ ପ୍ରଦାନ କରିବାରେ ଯଥାର୍ଥ ଥିଲେ କି, ଯେଉଁମାନେ ବୋର୍ଡ କେବଳ ସେମାନଙ୍କ ଆବେଦନ ପ୍ରତ୍ୟାହାର କରିବାକୁ ରାଜି ହୋଇଥିବା ଲୋକଙ୍କ ପାଇଁ ଏହାକୁ ବୃଦ୍ଧି କରିବା ପରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ । ଏହି ବୃହତ ପ୍ରସଙ୍ଗର ନିଷ୍ପତ୍ତି ନେବା ଆବଶ୍ୟକ ନୁହେଁ କାରଣ ଆବଣ୍ଟନଗ୍ରାହୀମାନଙ୍କୁ କୌଣସି ଲାଭ  ଦାବି କରିବାରୁ ନିବୃତ୍ତ କରାଯାଇପାରିବ, କେବଳ ଯଦି ଏହା ପ୍ରମାଣିତ ହୁଏ ଯେ ବୋର୍ଡର ନିଷ୍ପତ୍ତି ଲିଖିତ ସୂଚନା ଦ୍ୱାରା ସେମାନଙ୍କ ଦୃଷ୍ଟିକୁ ଅଣାଯାଇଥିଲା ଏବଂ ତଥାପି ସେମାନେ ଏହା ପାଇବାକୁ ରାଜି ହୋଇନଥିଲେ । ଏହା ମନେହୁଏ ଯେ ବୋର୍ଡର ନିଷ୍ପତ୍ତି ପ୍ରତ୍ୟେକ ଆବଣ୍ଟନଗ୍ରାହୀଙ୍କୁ ଲିଖିତ ଭାବରେ ଜଣାଯାଇ ନଥିଲା । ବୋର୍ଡ ପକ୍ଷରୁ ବିଜ୍ଞ ଓକିଲଙ୍କ ଯୁକ୍ତି ଯେ ଯେତେବେଳେ ଉଚ୍ଚ ନ୍ୟାୟାଳୟରେ ଚିଠି ଉପସ୍ଥାପିତ ହୋଇଥିଲା, ଏହାକୁ ଆବଣ୍ଟନଗ୍ରାହୀଙ୍କୁ ସୂଚନା ଭାବରେ ବିବେଚନା କରିବା ଉଚିତ, ତାହା ପ୍ରଭାବିତ କରେ ନାହିଁ । ଏହି ଯୋଜନା ଏକ ସ୍ୱୟଂ-ଆର୍ଥିକ ଯୋଜନା ଥିଲା । ଚିଠିର ଶେଷ ଅଂଶ ସୂଚାଇ ଦିଏ ଯେ କିଛି ଆବଣ୍ଟନଗ୍ରାହୀ ବ୍ୟକ୍ତି ଦେୟ ଦେଇ ନଥିଲେ । ତେଣୁ, ପରିମାଣ ଗଣନା କରିବା ପରେ କର୍ତ୍ତୃପକ୍ଷଙ୍କୁ ଚିଠି ଜାରି କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ନିଷ୍ପତ୍ତି ସମ୍ପର୍କରେ ଅବଗତ କରାଯାଇ ନଥିଲା, ତେଣୁ, ଏହା ଯୁକ୍ତି କରାଯାଇ ପାରିବ ନାହିଁ ଯେ ଯେଉଁମାନେ ଏହାର ଲାଭ  ଉଠାଇଥିଲେ ସେମାନେ ରିହାତି ପାଇଁ ହକଦାର ନଥିଲେ । ଏହି ପ୍ରସ୍ତାବ ଏବଂ ଏହାର କାର୍ଯ୍ୟକାରିତାର ପ୍ରଭାବ ଥିଲା ଏହି ଆବଣ୍ଟନଗ୍ରାହୀମାନଙ୍କୁ ରିହାତି ପ୍ରଦାନ କରିବା, ଯେଉଁମାନେ ଖିଲାପ କରିଥିଲେ । ଏହା ନ୍ୟାୟସଙ୍ଗତ ନଥିଲା । ଯଦି କମିଶନର ଉଚ୍ଚ ନ୍ୟାୟାଳୟଙ୍କ ରାୟ ଅନୁସାରେ ସର୍ତ୍ତକୁ କୋହଳ କରିଥାନ୍ତେ, ତେବେ ଏହାର ଲାଭ ସେମାନଙ୍କୁ ମିଳିବ ନାହିଁ ଯେଉଁମାନେ ଅଧିକ ଆଇନ ପାଳନ କରୁଥିଲେ ଏବଂ ବୋର୍ଡ ଦ୍ୱାରା ଦାବି କରାଯାଇଥିବା ସମ୍ପୂର୍ଣ୍ଣ ରାଶି ଜମା

କରିଥିଲେ । ଯେଉଁମାନେ ଖିଲାପକାରୀ ଥିଲେ, ସେମାନଙ୍କ ତୁଳନାରେ ସେମାନଙ୍କୁ ଅଧିକ କ୍ଷତିଗ୍ରସ୍ତ କରାଯାଇପାରିବ ନାହିଁ । ଫଳସ୍ୱରୂପ, ସମସ୍ତ ଆବଣ୍ଟନଗ୍ରାହୀ ଯେଉଁମାନେ ସମୀକ୍ଷା ଆବେଦନ କିମ୍ବା ଆଜ୍ଞାଦେଶ ଆବେଦନ ଦାଖଲ କରିଥିଲେ ଏବଂ ଯେଉଁମାନଙ୍କୁ କୌଣସି ସୂଚନା ପଠାଯାଇ ନଥିଲା, ସେମାନଙ୍କୁ ମଧ୍ୟ ସମାନ ରିହାତି ପ୍ରଦାନ କରାଯିବ ।

ଉଚ୍ଚ ନ୍ୟାୟାଳୟ ଆହୁରି କହିଛନ୍ତି ଯେ ରକ୍ଷଣାବେକ୍ଷଣ ପରି ସମାନ ଯୁକ୍ତି ଉପରେ, ଆବଣ୍ଟନଗ୍ରାହୀମାନଙ୍କୁ ଲାଭ ଏବଂ ବ୍ୟବସ୍ଥିତ ବ୍ୟୟ ବାବଦରେ 50% ରିହାତି ଦିଆଯିବା ଉଚିତ । ଏକ 'ସ୍ୱୟଂ ଆର୍ଥିକ ଯୋଜନାରେ' ପରିଷଦ ସେହି ବ୍ୟକ୍ତିମାନଙ୍କଠାରୁ ଲାଭ ଏବଂ ବ୍ୟବସ୍ଥିତ ବ୍ୟୟ ଆଦାୟ କରିବାର ଅଧିକାର ପାଇଥିଲା କି ଯେଉଁମାନେ ସମ୍ପୂର୍ଣ୍ଣ ରାଶି ଜମା କରିଥିଲେ, କିନ୍ତୁ ସେମାନଙ୍କୁ ଅଧିକାର ହସ୍ତାନ୍ତର କରାଯାଇ ନଥିଲା ଏବଂ ପରିଷଦ ପକ୍ଷରୁ ବିଳମ୍ବ ହୋଇଥିଲା, ଏହା ଏକ ବିତର୍କିତ ପ୍ରସଙ୍ଗ ଯାହା ଉପରେ ଏହି ମାମଲାରେ କୌଣସି ମତାମତ ପ୍ରକାଶ କରିବା ଆବଶ୍ୟକ ନୁହେଁ କାରଣ ଏହା ଆବଣ୍ଟନଗ୍ରାହୀମାନଙ୍କ ପାଇଁ ଏହା ଉଠାଇବାକୁ ଉନ୍ମୁକ୍ତ ନଥିଲେ ଏବଂ ଉଚ୍ଚ ନ୍ୟାୟାଳୟ ଏହି ରିହାତି ପ୍ରଦାନ କରିବାରେ ଯଥାର୍ଥ ନଥିଲେ, କାରଣ ଏହି ଦିଗଗୁଡ଼ିକ ପୂର୍ବରୁ ଆଜ୍ଞାଦେଶ ଆବେଦନ, SLPଗୁଡିକରେ ଶେଷରେ ନିଷ୍ପତ୍ତି ନିଆଯାଇଥିଲା ଏବଂ ସମାଧାନ କରାଯାଇଥିଲା ଯାହା ବିରୁଦ୍ଧରେ ଏହି ନ୍ୟାୟାଳୟ ଖାରଜ କରିଥିଲେ । ଯେତେବେଳେ ଏହି ନ୍ୟାୟାଳୟ ଅନୁମତି ଦେଇ ନଥିଲା, ସେତେବେଳେ ଉଚ୍ଚ ନ୍ୟାୟାଳୟ ସମୀକ୍ଷା ଆବେଦନ ମାଧ୍ୟମରେ ମାମଲାଟିକୁ ପୁନର୍ବାର ପ୍ରକାଶ୍ୟ କରିପାରି ନଥାନ୍ତେ ଏବଂ ଯଦି ଅନୁମତି ଦିଆଯାଏ, ତେବେ ଏହାର ପ୍ରଭାବ ପୂର୍ବ ନିଷ୍ପତ୍ତିର ଚୂଡ଼ାନ୍ତତାକୁ ବାଧା ଦେବ ।

ଫଳସ୍ୱରୂପ, ଆବେଦନଗୁଡ଼ିକୁ ଆଂଶିକ ଭାବରେ ଅନୁମତି ଦିଆଯାଇଥାଏ, ସମୀକ୍ଷା ଆବେଦନକୁ ଅନୁମତି ଦେବା ଏବଂ ପ୍ରଶାସନିକ ଦେୟ ଏବଂ ଆଦାୟ କରିବାକୁ ଚାହୁଁଥିବା ଲାଭ ଉପରେ 50% ରିହାତି ପ୍ରଦାନ କରିବାକୁ ପରିଷଦକୁ ନିର୍ଦ୍ଦେଶ ଦେବା ପାଇଁ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ରଦ୍ଦ କରିଦିଆଯିବ । ପୂର୍ବରୁ କରାଯାଇଥିବା ପର୍ଯ୍ୟବେକ୍ଷଣ ଅନୁଯାୟୀ ସମସ୍ତ ଆବଣ୍ଟନଗ୍ରାହୀଙ୍କୁ 20/21 ଜୁଲାଇ, 1990 ତାରିଖର ଚିଠିରେ ଉଲ୍ଲେଖ କରାଯାଇଥିବା ସୁଧ ଏବଂ ରିହାତି ବର୍ଦ୍ଧନ ସମ୍ବନ୍ଧୀୟ ଆଦେଶକୁ ବଜାୟ ରଖାଯାଇଛି । ପକ୍ଷମାନେ ନିଜ ନିଜର ଖର୍ଚ୍ଚ ବହନ କରିବେ ।

ଟି. ଏନ୍. ଏ. ଆବେଦନକୁ ଅନୁମତି ଦିଆଗଲା ।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମା ରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର :**

ସୁମିତ୍ରା ସାହୁ ,ଅନୁବାଦିକା,

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।